# NATIONAL NEWS BULLETIN (ODIA)

## 03rd September' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀଙ୍କ ସହ ଆଜି ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ଭାରତର ଦୀର୍ଘକାଳୀନ ବୈଦେଶିକ ମୁଦ୍ରା ସୂଚକାଙ୍କକୁ ଏ ମାଇନସ୍‌କୁ ହ୍ରାସ କଲା ଜାପାନର ପ୍ରମୁଖ କ୍ରେଡିଟ୍ ରେଟିଂ ସଂସ୍ଥା

- ନେପାଳ ବନ୍ୟା ମୃତ୍ୟୁସଂଖ୍ୟା ୧ ହଜାର ୨୫୦କୁ ବୃଦ୍ଧି ।

- ପୃଥ୍ୱୀ ନିରୀକ୍ଷଣ ଉପଗ୍ରହ ଇ.ଓ.ଏସ୍.-୦୫ର ଆସନ୍ତାକାଲି ହେବ ଉତ୍କ୍ଷେପଣ ।

ଏବଂ

- ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍‌ରେ ଆଜି ଭାରତ ଓ ହଂକଂ ମଧ୍ୟରେ ହେବ ମୁକାବିଲା ।

# ବେଲ୍‌ଜିୟମ୍ - ପି.ଏମ୍. ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀ ୱାର୍ଟ ଡି. ବେବର ଆଜି ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା କରିବେ । ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ସମସ୍ୟା ଉପରେ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀ ତିନିଦିନିଆ ଭାରତର ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ତାଙ୍କ ସହ ସେଠାକାର ପ୍ରତିରକ୍ଷା ମନ୍ତ୍ରୀ ଥିୟୋ ଫ୍ରେଙ୍କନ୍ ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି । ଗତବର୍ଷ ଫେବୃୟାରୀରେ ଦାୟିତ୍ୱ ଗ୍ରହଣ ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ । ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ ବୋଲି ଜଣାପଡ଼ିଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ଗସ୍ତ ଭାରତ-ବେଲ୍‌ଜିୟମ୍ ସହଭାଗିତାକୁ ଆହୁରି ଦୃଢ଼ କରିବା ଏବଂ ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ନିମନ୍ତେ ମତ ବିନିମୟ ଲାଗି ସଯୋଗ ସୃଷ୍ଟି କରିବ ।

# ଇଣ୍ଡିଆ କ୍ରେଡିଟ ରେଟିଂ

ଜାପାନର ପ୍ରମୁଖ କ୍ରେଡିଟ୍ ରେଟିଂ ସଂସ୍ଥା - ଜେ.ସି.ଆର୍. ଭାରତର ଦୀର୍ଘକାଳୀନ ବୈଦେଶିକ ମୁଦ୍ରା ଏବଂ ସ୍ଥାନୀୟ ମୁଦ୍ରା ଜାରି କରୁଥିବା ସୂଚକାଙ୍କ ଟ୍ରିପଲ୍-ବି' ପ୍ଲସ୍‌ରୁ ଏ' ମାଇନସ୍‌କୁ ହ୍ରାସ କରିଛି । ଏହି ରେଟିଂ କୌଣସି ଦେଶର ସରକାରଙ୍କ ଋଣ ପରିଶୋଧ କ୍ଷମତା ଏବଂ ବିତ୍ତୀୟ ସ୍ଥିତିର ଆକଳନ କରିଥାଏ । ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ରେଟିଂ ଭାରତର ଦୃଢ଼ ଆର୍ଥିକ ଅଗ୍ରଗତି, ଆର୍ଥିକ ନୀତିଗୁଡ଼ିକର ପ୍ରଭାବ ଏବଂ ନମନୀୟତାକୁ ଦର୍ଶାଉଛି । ମନ୍ତ୍ରଣାଳୟ କହିଛି, ଆହ୍ୱାନପୂର୍ଣ୍ଣ ବିଶ୍ୱ ପରିବେଶ ମଧ୍ୟରେ ଭାରତର ନିରନ୍ତର ବିକାଶ, ଦୃଢ଼ ଆର୍ଥିକ ନୀତି, ଉତ୍ତମ ରାଜକୋଷ ପରିଚାଳନା ଏବଂ ଦୃଢ଼ ଆର୍ଥିକ ସଂରଚନା ଯୋଗୁଁ ଏହା ସମ୍ଭବ ହୋଇପାରିଛି । ରେଟିଂ ସଂସ୍ଥା-ଜେ.ସି.ଆର୍. ପକ୍ଷରୁ କୁହାଯାଇଛି, ଭାରତର ସାର୍ବଜନୀନ ପୁଞ୍ଜିନିବେଶ ଏବଂ ଆର୍ଥିକ ବ୍ୟବସ୍ଥା କ୍ଷେତ୍ରରେ ଉଚ୍ଚ ବିକାଶ ଦର ଜାରି ରଖିପାରିଛି । ରିପୋର୍ଟରେ ସରକାରଙ୍କ ଡିଜିଟାଲ୍ ଢାଞ୍ଚା ଏବଂ ଅନ୍ୟାନ୍ୟ ଆର୍ଥିକ କ୍ଷେତ୍ରର ବିକାଶ ସମ୍ପର୍କରେ ଉଲ୍ଲେଖ ରହିଛି । ସଂସ୍ଥା କହିଛି, ୨୦୨୫ରେ ରାଜକୋଷୀୟ ଆର୍ଥିକ କ୍ଷତି ପରିମାଣ ୪ ଦଶମିକ ୦/୭ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ଏହା ୪ ଦଶମିକ ୦/୪ ପ୍ରତିଶତକୁ ହ୍ରାସ ପାଇଛି ।

# ପି.ଏମ୍. - ଜଳଶକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ସହରୀକରଣ ଯୋଗୁଁ ସୃଷ୍ଟି ହୋଇଥିବା ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସଚେତନ ହେବା ଲାଗି ପରାମର୍ଶ ଦେଇଛନ୍ତି । ଜନସଂଖ୍ୟା ବୃଦ୍ଧି ଏବଂ ଭବିଷ୍ୟତର ଜଳ ଆବଶ୍ୟକତା ଭଳି ଆହ୍ୱାନଗୁଡ଼ିକର ମୁକାବିଲା ନିମନ୍ତେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକପାଇଁ ଅନୁରୂପ ଚିନ୍ତନ ଶିବିର ଆୟୋଜନପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଜଳଶକ୍ତି ମନ୍ତ୍ରଣାଳୟଦ୍ୱାରା ଆୟୋଜିତ ଦୁଇଦିନିଆ ରାଷ୍ଟ୍ରୀୟ ବିଭାଗୀୟ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଛନ୍ତି, ଜଳ ସଂରକ୍ଷଣ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ଜରୁରୀ ହୋଇପଡ଼ିଛି । ଏଦିଗରେ ସଠିକ୍ ସମାଧାନପାଇଁ ଭାରତୀୟ ନିର୍ମାତା ଓ ଅଂଶୀଦାରମାନଙ୍କୁ ବିଶ୍ୱସ୍ତରୀୟ ଉତ୍ପାଦ ଲୋକଲୋଚନକୁ ଆଣିବା ଲାଗି ପ୍ରସ୍ତାବ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଏହି ଦୁଇଦିନିଆ ସମ୍ମିଳନୀରେ ହୋଇଥିବା ଆଲୋଚନାକୁ ପ୍ରଶଂସା କରି କହିଛନ୍ତି, ଏଥିରୁ ମିଳିଥିବା ନିଷ୍କର୍ଷକୁ ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବା ସହ ନିରନ୍ତର ଭାବରେ ଏହାର ସମୀକ୍ଷା କରିବାର ଆବଶ୍ୟକତା ରହିଛି । ଜନ ଭାଗିଦାରୀ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଜଳ ଉତ୍ସବ ଜରିଆରେ ଜନସାଧାରଣଙ୍କ ମଧ୍ୟରେ

ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିବ । ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନରେ ଜଳ ପରିଚାଳନା ସମ୍ବନ୍ଧୀୟ ଶିକ୍ଷା ପରିସରକୁ ଦୃଢ଼ କରିବା ଲାଗି ଶ୍ରୀ ମୋଦି ଆହ୍ୱାନ ଦେଇଛନ୍ତି । ଆନ୍ତଃରାଜ୍ୟ ଶିକ୍ଷା ପରିଦର୍ଶନ ଏବଂ ଏଥିରେ ସାଧାରଣ ଲୋକଙ୍କ ଯୋଗଦାନ ତଥା କର୍ମଚାରୀ ଓ କୃଷକମାନଙ୍କପାଇଁ ବାସ୍ତବ ଜ୍ଞାନ ଆହରଣ ନିମନ୍ତେ ବ୍ୟବସ୍ଥା କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି ।

## ସୀତାରମଣ - ନର୍ଥ କାରୋଲିନା

ୟୁରୋପୀୟ ସଂଘ, ବିଶ୍ୱବ୍ୟାଙ୍କ୍, ଅନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ଅନ୍ୟ ବୃହତ୍ ଅର୍ଥ ବ୍ୟବସ୍ଥାଗୁଡ଼ିକ ସହ ଆର୍ଥିକ ସହଭାଗିତା ଦୃଢ଼ କରିବା ଦିଗରେ ଭାରତ ପଦକ୍ଷେପ ନେଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଆମେରିକାର ଉତ୍ତର କାରୋଲିନାସ୍ଥିତ ଏସାବିଲେ ସହରରେ ଅନୁଷ୍ଠିତ ଜି-୨୦ ସଦସ୍ୟ ଦେଶମାନଙ୍କ ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ୍ ଗଭର୍ଣ୍ଣରମାନଙ୍କ ବୈଠକରେ ଯୋଗଦେଇ ସେ ଏହା କହିଛନ୍ତି । ଶ୍ରୀମତୀ ସୀତାରମଣ କହିଛନ୍ତି, ପୁଞ୍ଜିନିବେଶ, ଯୋଗାଣ ଶୃଙ୍ଖଳ ଏବଂ ଉନ୍ନତ ପ୍ରାଦ୍ୟୋଗିକ ନୀତି ବ୍ୟବସ୍ଥାକୁ ଦୃଢ଼ କରିବା ନେଇ କେତେକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକକାଳରେ ଶ୍ରୀମତୀ ସୀତାରମଣ' ଭାରତରେ ବିଶ୍ୱ ଡିଜିଟାଲ୍

ସାର୍ବଜନୀନ ସଂରଚନା ଜ୍ଞାନକେନ୍ଦ୍ର ପ୍ରତିଷ୍ଠା ନେଇ ବିଶ୍ୱବ୍ୟାଙ୍କ୍‌ର ସହଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ନେପାଳ - ଫ୍ଲାଶ୍ ଫ୍ଲଡ୍

ନେପାଳ ଏବଂ ତିବତ ଅଞ୍ଚଳରେ ଭୟଙ୍କର ବନ୍ୟାରେ ମୃତକଙ୍କ ସଂଖ୍ୟା ୧ ହଜାର ୨୫୦କୁ ବୃଦ୍ଧି ପାଇଛି । ଉଦ୍ଧାରକାରୀମାନେ ପ୍ରବଳ ବର୍ଷା ମଧ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଏବଂ ଭୋଟେକୋଶୀ ନଦୀ ଉପରେ ନିର୍ମାଣାଧୀନ ସୁଡ଼ଙ୍ଗ ମଧ୍ୟରେ ଜମା ହୋଇଥିବା କାଦୁଅରେ ଲୋକମାନେ ଫସି ରହିଥିବା ଅନୁମାନ କରିଛନ୍ତି । ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହା କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଭଳି ବିପ୍ରାତ ସୃଷ୍ଟି ହୋଇଛି ଏବଂ ଆନ୍ତର୍ଜାତିକ ସମୁଦାୟ ଏନେଇ ଚିନ୍ତା କରିବାର ଆବଶ୍ୟକତା ରହିଛି । ଗତ ସପ୍ତାହରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟାରେ ମୃତକମାନଙ୍କ ପ୍ରତୀକାତ୍ମକ ଶବଦାହ ଅନୁଷ୍ଠିତ ହୋଇଛି । ଅନ୍ୟପକ୍ଷରେ ନିଖୋଜଙ୍କ ମଧ୍ୟରେ ୫୮୩ ଜଣ ବିଦେଶୀ ନାଗରିକ ଥିବା କୁହାଯାଇଛି । ନେପାଳ ସେନାର ମିଳିତ ସୁରକ୍ଷା ବଳ ଏପର୍ଯ୍ୟନ୍ତ ହେଲିକପ୍ଟର ଏବଂ ଭୂମାର୍ଗରେ ୧୧ ହଜାର ୯୯୩ ଜଣଙ୍କୁ ଉଦ୍ଧାର କରିଛନ୍ତି । ଏହି କାର୍ଯ୍ୟରେ ୨୧ ହଜାର ୩୧୪ରୁ ଅଧିକ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି ।

ଚୀନ୍ ପାର୍ଶ୍ୱରେ ମଧ୍ୟ ମୃତ୍ୟୁସଂଖ୍ୟା ୨୧କୁ ବୃଦ୍ଧି ପାଇଥିବାବେଳେ ୫୪୧ ଜଣ ନିଖୋଜ ଅଛନ୍ତି । ସେଠାକାର ଜଳବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଭାରତ, ଚୀନ ଓ ଦକ୍ଷିଣ କୋରିଆର ବିଶେଷଜ୍ଞଙ୍କ ସହ ଏସୀୟ ବିକାଶ ବ୍ୟାଙ୍କ୍, ବିଶ୍ୱ ବ୍ୟାଙ୍କ୍ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକ ସାମିଲ୍ ହୋଇଛନ୍ତି ।

## ଇସ୍ରୋ - ସାଟେଲାଇଟ୍

ଭାରତୀୟ ମହାକାଶ ଅନୁସନ୍ଧାନ ସଙ୍ଗଠନ-ଇସ୍ରୋର ଅଧ୍ୟକ୍ଷ ବି. ନାରାୟଣନ୍ କହିଛନ୍ତି, ପୃଥ୍ୱୀ ନିରୀକ୍ଷଣ ଉପଗ୍ରହ ଇ.ଓ.ଏସ୍.-୦୫ର ଆସନ୍ତାକାଲି ଉତ୍କ୍ଷେପଣ କରାଯିବ । ଜି.ଏସ୍.ଏଲ୍.ଭି.-ଏଫ୍.୧୭ ରକେଟ୍ ଜରିଆରେ ଆସନ୍ତାକାଲି ସକାଳ ୨ଟା ୫୫ ମିନିଟ୍‌ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରୁ ଏହି ଉପଗ୍ରହ ଉତ୍କ୍ଷେପଣ କରାଯିବ । ଶ୍ରୀ ନାରାୟଣନ୍ କହିଛନ୍ତି, ଏହି ଅତ୍ୟାଧୁନିକ ପୃଥ୍ୱୀ ନିରୀକ୍ଷଣ ଉପଗ୍ରହ ଭାରତର ପ୍ରଥମ ଚିତ୍ର ଉତ୍ତୋଳନକାରୀ ଉପଗ୍ରହ ଏବଂ ଏହା ପୃଥ୍ୱୀ ନିରୀକ୍ଷଣ ସାମର୍ଥ୍ୟକୁ ଆହୁରି ଦୃଢ଼ କରିବ ।

# ଶିବରାଜ ସିଂହ - ଏସ୍.ଏଚ୍.ଜି.

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ମୁମ୍ବାଇରେ ରାଜ୍ୟ ଗ୍ରାମୀଣ ଆଜିବିକା ମିଶନ ଏବଂ ବ୍ୟାଙ୍କ୍‌ଗୁଡ଼ିକ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିବେ । ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସ୍ୱୟଂ ସହାୟକ ସଙ୍ଗଠନଗୁଡ଼ିକୁ ପ୍ରଦାନ କରାଯାଉଥିବା ଋଣ ପରିମାଣ ବୃଦ୍ଧି ଲାଗି ବ୍ୟକ୍ତିଗତ ଉଦ୍ୟମରେ ଋଣ ପରିମାଣ ଦୁଇଗୁଣ କରିବା ।  ବୈଠକରେ ଜିଲ୍ଲା କେନ୍ଦ୍ରୀୟ ସହକାରୀ ବ୍ୟାଙ୍କ୍ ଏବଂ ପ୍ରାଥମିକ ସ୍ତରରେ ଋଣ ସଂରଚନାର ଭୂମିକା ଦୃଢ଼ କରିବା ସହ ଦୀର୍ଘ ସମୟ ଧରି ପଡ଼ି ରହିଥିବା କୃଷଋଣ ସମସ୍ୟାର ସମାଧାନର ଉପାୟ ବାହାର କରିବା ନେଇ ଆଲୋଚନା ହେବ ।

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍, ଆର୍ଥିକ ସେବା ବିଭାଗ, ଘରୋଇ କ୍ଷେତ୍ରର ବ୍ୟାଙ୍କ୍, ଗ୍ରାମୀଣ ବ୍ୟାଙ୍କ୍, ସହକାରୀ ବ୍ୟାଙ୍କ୍, ନାବାର୍ଡ଼, ପି.ଏଫ୍.ଆର୍.ଡି.ଏ. କେନ୍ଦ୍ର ମନ୍ତ୍ରଣାଳୟ ଓ ଅନ୍ୟ ପ୍ରମୁଖ ସଂସ୍ଥାର ବରିଷ୍ଠ ପ୍ରତିନିଧିମାନେ ଯୋଗଦେବେ ।

## ଆର୍.ବି.ଆଇ. ଗଭର୍ଣ୍ଣର୍

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଆମେରିକାର ଉତ୍ତର କାରୋଲିନାରେ ଜି-୨୦ ସଦସ୍ୟ ଦେଶମାନଙ୍କ ବୈଠକ ଅବସରରେ ସେଠାକାର ଫେଡେରାଲ୍ ରିଜର୍ଭର ଅଧ୍ୟକ୍ଷ କେବିନ ବାର୍ସ'ଙ୍କ ସହ ବୈଠକ କରିଛନ୍ତି । ସେ ମଧ୍ୟ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରିଥିବା ସୂଚନା ମିଳିଛି । ବୈଠକରେ ବିଶ୍ୱ ଅର୍ଥ ବ୍ୟବସ୍ଥା ଓ ଭାରତର ଆର୍ଥିକ ଉଦାରୀକରଣ ନୀତି ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଗଭର୍ଣ୍ଣର ଶ୍ରୀ ମାଲହୋତ୍ରା' ଏସାବିଲେ'ରେ ଆୟୋଜିତ ଜି-୨୦ ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ୍ ଗଭର୍ଣ୍ଣରମାନଙ୍କ ବୈଠକରେ ଭାଗ ନେଇ ବିଶ୍ୱ ଆର୍ଥିକ ନୀତି ସମ୍ପର୍କରେ ଆଲୋଚନା କରିଛନ୍ତି ।

## ଟ୍ରମ୍ପ୍-ପୁଟିନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍' ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ଙ୍କ ସହ ଆଉ ଏକ ବୈଠକ କରିବା ଲାଗି ପ୍ରସ୍ତୁତ ଥିବା କହିଛନ୍ତି । ତେବେ ୟୁକ୍ରେନ୍ ସହ ଚାଲିଥିବା ଯୁଦ୍ଧ ଶେଷ କରି ଶାନ୍ତିଚୁକ୍ତି ଲାଗି ସମ୍ମତି ପ୍ରକାଶ କରିବା ପରେ ବୈଠକ ସମ୍ଭବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ସେ

କହିଛନ୍ତି, ଆମେରିକା ଉଭୟ ରୁଷ୍ ଏବଂ ୟୁକ୍ରେନ୍ ସହ ଉତ୍ତମ ସମ୍ପର୍କ ବଜାୟ ରଖିବା ଲାଗି ଆଗ୍ରହୀ । ଆମେରିକାର ବାଣିଜ୍ୟିକ ବିକାଶ କ୍ଷେତ୍ରରେ ଉଭୟ ଦେଶ ସହ ସମ୍ପର୍କ ଲାଭଦାୟକ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ମାସରେ ଆଲାସ୍କାରେ ଉଭୟ ନେତାଙ୍କ ମଧ୍ୟରେ ଶେଷଥରପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା ।

# କ୍ରିକେଟ୍

ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍‌ରେ ଆଜି ଗ୍ରୁପ୍-ଏ'ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଓ ହଂକଂ ମଧ୍ୟରେ ମୁକାବିଲା ହେବ । ସଂଯୁକ୍ତ ଆରବ ଏମିରେଟ୍‌ସ୍‌ର ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ଗତ ରବିବାର ଦିନ ଅନୁଷ୍ଠିତ ଭାରତର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ୯୪ ରନ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଥିଲା ।

ଗତ ସନ୍ଧ୍ୟାରେ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ୭୫ ରନ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୨୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୧୨୪ ରନ୍ କରିଥିବାବେଳେ

ଇଣ୍ଡୋନେସିଆ ୧୮ ଓଭର୍ ୩ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ଅଣଚାଶ ରନ୍ କରିବାକୁ ସକ୍ଷମ ହୋଇଥିଲା ।

## ଇଣ୍ଡିଆ - ଓ୍ୱିମେନ୍ସ ଚାମ୍ପିୟନ୍ ଟ୍ରଫି

ପ୍ରଥମ ଆଇ.ସି.ସି. ମହିଳା ଚାମ୍ପିୟନ୍ସ ଟ୍ରଫ୍ ଆସନ୍ତାବର୍ଷ ଫେବୃୟାରୀ ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଭାରତ ଏହି ଟ୍ରଫିର ଆୟୋଜନ କରିବ । ପୂର୍ବରୁ ଶ୍ରୀଲଙ୍କାକୁ ଏହାର ଆୟୋଜନ ଦାୟିତ୍ୱ ଦିଆଯାଇଥିବାବେଳେ ସେଠାକାର କ୍ରିକେଟ୍ ବୋର୍ଡ଼ରେ ସରକାରୀ ହସ୍ତକ୍ଷେପ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ମ୍ୟାଚ୍ ୨ଟି ସ୍ଥାନ ମୁମ୍ବାଇସ୍ଥିତ କ୍ରିକେଟ୍ କ୍ଲବ୍ ଅଫ୍ ଇଣ୍ଡିଆ ଏବଂ ଭଦୋଦରାସ୍ଥିତ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ ।  ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଶ୍ରୀଲଙ୍କା ଏହି ପ୍ରତିଯୋଗିତାରେ ଭାଗ ନେବେ ।

# ୱାର୍ଲଡ୍ ଆର୍ଚେରୀ ପାରା ସିରିଜ୍

ଅହମ୍ମଦାବାଦର ସାବରମତୀ ରିଭର୍ ଫ୍ରଣ୍ଟ୍‌ରେ ଆସନ୍ତା ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍‌ର ଭାରତ ଆୟୋଜନ କରିବ । ଏଥିରେ ୨୦ଟି ଦେଶର ୧୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେବେ । ୨୦୨୬ ତୀରନ୍ଦାଜୀ ଶୃଙ୍ଖଳାର ଏହା ତୃତୀୟ ପର୍ଯ୍ୟାୟ । ପୂର୍ବରୁ ବ୍ୟାଙ୍କକ୍ ଏବଂ ନୋବେ ମେଷ୍ଟୋଠାରେ ଗତ ଜୁନ୍ ମାସରେ ପ୍ରାରମ୍ଭିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାର ଅନ୍ତିମ ପର୍ଯ୍ୟାୟ ଆସନ୍ତା ଅକ୍ଟୋବାର ମାସରେ ସେଣ୍ଟିଆଗୋଠାରେ ଅନୁଷ୍ଠିତ ହେବ ।

*****